ଧରିତ୍ରୀ DHARITRI
ରାୟଗଡା, ଗୁରୁବାର, ୧୭ ଅକ୍ଟୋବର, ୨୦୧୯



## ସଂକ୍ଷେପରେ

### ମହିଳାଙ୍କ ଆତ୍ମହତ୍ୟା

**ନବରଙ୍ଗପୁର,୧୬।୧୦(ବି.ପ୍ର.):** ନବରଙ୍ଗପୁର ନିଳକଣ୍ଠ ନଗର ଅଞ୍ଚଳରେ ରହୁଥିବା ବିଳାଶ କୁମାର ମହାରଣାଙ୍କ ସ୍ତ୍ରୀ ସୁନଲିତା ନାଥ ବେକରେ ଶାଢ଼ି ବାନ୍ଧି ଘର ଭିତରେ ଆତ୍ମହତ୍ୟା କରିଛନ୍ତି। ତିନିବର୍ଷ ତଳେ ସେ ବିବାହ କରିଥିଲେ । ଖବର ପାଇଁ ନବରଙ୍ଗପୁର ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନା ଆଣିଥିଲା । ପରିବାର ଲୋକଙ୍କୁ ପୋଲିସ ଖବର ଦେଇଛି । ପରିବାର ଲୋକଆସିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଥାନା ପକ୍ଷରୁ ସୂଚନା ମିଳିଛି ।

### ଯୋଗ,ଆଧାତ୍ମିକ ଶିବିର ପାଇଁ ବୈଠକ

ତେନ୍ତୁଳିଖୁଣ୍ଟି, ୧୬।୧୦ (ଡି.ଏନ.ଏ.)- ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡାସ୍ଥିତ ଗୋପାଳ ଶ୍ରୀକ୍ଷେତ୍ର ପରିସରରେ ଦିବ୍ୟଜୀବନ ସଂଘ ଖାତିଗୁଡା ଶାଖା ତରଫରୁ ଯୋଗ ଓ ଆଧାତ୍ମିକ ଶିବିର ପାଇଁ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହା ଆସନ୍ତା ୧୮ ରୁ ଆରମ୍ଭ ହୋଇ ୨୧ରେ ସମ୍ପନ୍ନ ହେବ । ଏହି କାର୍ଯ୍ୟକ୍ରମରେ ଉତ୍ତରାଖଣ୍ଡ ଋଷିକେଶ ଦିବ୍ୟଜୀବନ ସଂଘ ମୁଖ୍ୟାଳୟରୁ ସ୍ୱାମୀ ଧର୍ମ ନିଷ୍ଠାନନ୍ଦ ସରସ୍ୱତୀ, ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ଓ ସ୍ୱାମୀ ପରମପ୍ରିୟାନନ୍ଦ ସରସ୍ୱତୀ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଯୋଗ, ପ୍ରାଣାୟମ, ଆଧାତ୍ମିକ ପ୍ରବଚନ, ଭଜନ, କୀର୍ତ୍ତନ ଓ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିପାଇଁ ଉପସଭାପତି ବିଜୟ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଏବଂ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ଦାସଙ୍କ ପୌରୋହିତ୍ୟରେ ବୈଠକ ଅନୁଷ୍ଠିତ ହୋଇଥିଲା। ଶୃଙ୍ଖଳିତ ଆଧାତ୍ମିକ ପରିବେଶରେ କାର୍ଯ୍ୟକ୍ରମ ସମ୍ପନ୍ନ ପାଇଁ ଦିବ୍ୟଜୀବନ ସଂଘର ଭକ୍ତମାନଙ୍କ ମଧ୍ୟରେ ଦାୟିତ୍ୱ ସମ୍ପନ୍ନ କରାଯାଇଥିଲା। ସୁଧାକର ସାହୁ, ପୃଥ୍ୱିରାଜ ପାଇକରାୟ, ଅଜିତ କୁମାର ମାନ୍ଧାତା, ଶ୍ରୀନିବାସ ବାରିକ, ହରିବନ୍ଧୁ ପରିଡା ପ୍ରମୁଖ ବିଭିନ୍ନ ଦାୟିତ୍ୱ ନେଇଥିଲେ।

### ଅଟୋ ଓଲଟି ୫ ଗୁରୁତର

**ଗୋଷାଣୀ, ୧୬।୧୦ (ଡି.ଏନ୍.ଏ.)** -ଗାରାବନ୍ଧ ଥାନା ଅନ୍ତର୍ଗତ ଆଶ୍ରାଲିଙ୍ଗି ଗ୍ରାମ ନିକଟରେ ବୁଧବାର ଏକ ଅଟୋ ଓଲଟି ୯ ଜଣ ଆହତ ହୋଇଛନ୍ତି। ଏଥିରୁ ୫ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ଘଟଣାରୁ ପ୍ରକାଶ ଯେ, ଅଟୋ ମାଲିକ ମଙ୍ଗଳା ଜାନୀ କଇଁପୁରରୁ ୯ ଜଣ ଶ୍ରମିକଙ୍କୁ ନେଇ ଲାଠିଗାଁ ଗ୍ରାମକୁ କାଜୁଗଛ ସଫା କରିବା ପାଇଁ ଯାଉଥିଲେ। ହେଲେ ଆଶ୍ରିଲିଙ୍ଗିଠାରେ କୌଣସି କାରଣବସତଃ ଅଟୋ(ଓଡି୦୭-ଏବି-୨୦୧୭) ଟି ଓଲଟି ପଡ଼ିଥିଲା। ଏଥିରେ ସମସ୍ତ ୯ ଜଣ ଗୁରୁତର ହୋଇଥିଲେ। ସେମାନଙ୍କୁ ଉଦ୍ଧାର କରି ଗାରାବନ୍ଧ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯିବା ପରେ ପରଲାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଗୁରୁତରମାନେ ହେଲେ କୃଷ୍ଣ ଶବର, ସୀମାନି ଶବର, ଡେମି ଜାଲି, ଜୟନ୍ତୀ ଶବର।

### ଭାରୋତ୍ତୋଳନରେ ମୁନାଙ୍କୁ ସ୍ୱର୍ଣ୍ଣ

**ବ୍ରହ୍ମପୁର ଅଫିସ୍, ୧୬।୧୦:** ବିହାର ଗୟାରେ ଚାଲିଥିବା ଜାତୀୟ ଯୁବ ଏବଂ କନିଷ୍ଠ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ଓଡ଼ିଶାକୁ ସଫଳତା ମିଳିଛି। ୫୫କିଲୋ ଓଜନ ବର୍ଗରେ ଭାଗ ନେଇଥିବା ମୁନା ନାୟକ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସ୍ନାଚ୍‌ରେ ୧୦୬ ଏବଂ କ୍ଲିନ୍ ଆଣ୍ଡ ଜର୍କରେ ୧୨୮ ଭାବେ ମୋଟ ୨୩୪କିଲୋ ଓଜନ ଉଠାଇ ଏହି ସଫଳତା ପାଇଛନ୍ତି। ମୁନାଙ୍କ ଘର ବ୍ରହ୍ମପୁର। ଏଣୁ କ୍ରୀଡ଼ା ପ୍ରେମୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି।

## ■ ଦୀପାବଳିକୁ ନେଇ ବାଣ ବ୍ୟବସାୟୀଙ୍କ ମଧ୍ୟରେ ଉତ୍କଣ୍ଠା

# ଅସ୍ଥାୟୀ ବଜାର ପାଇଁ ବିକଳ୍ପ ସ୍ଥାନ ନିରୂପଣ ନିର୍ଦ୍ଦେଶ

**ପାରଳାଖେମୁଣ୍ଡି,୧୬।୧୦ (ସ୍ୱ.ପ୍ର.)**

ଦୀପାବଳି ଆଉ ମାତ୍ର କିଛି ଦିନ ବାକି ରହିଥିବାବେଳେ ବାଣ ବ୍ୟବସାୟୀ ଚଳଚଞ୍ଚଳ ହୋଇ ଉଠିଛନ୍ତି। ଗତବର୍ଷ ପାରଳାଖେମୁଣ୍ଡି ସହରର ଗୁଣ୍ଡିଚାବାଡ଼ି ପଡ଼ିଆରେ ଏକତ୍ରିତ ଭାବେ ପ୍ରାୟ ୮୦ରୁ ଊର୍ଦ୍ଧ୍ୱ ଅସ୍ଥାୟୀ ବ୍ୟବସାୟୀଙ୍କୁ ଲାଇସେନ୍ସ ପ୍ରଦାନ କରାଯାଇଥିବାବେଳେ ଚଳିତବର୍ଷ ଏ ପର୍ଯ୍ୟନ୍ତ ୬୦ରୁ ଊର୍ଦ୍ଧ୍ୱ ଆବେଦନ ପତ୍ର ଗ୍ରହଣ କରାଯାଇଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ। ତେବେ ଆଗାମୀ ଦିନରେ ଏହା ୮୦ ଟପିବା ସମ୍ଭାବନା ରହିଛି । ତେବେ ଗୁଣ୍ଡିଚାବାଡ଼ି ପଡ଼ିଆରେ ଏତେ ସଂଖ୍ୟକ ଅସ୍ଥାୟୀ ବାଣ ଦୋକାନ ଖୋଲଯିବା ଫଳରେ ସେଠାରେ ପ୍ରବଳ ଭିଡ଼ ଯୋଗୁ ସମସ୍ୟା ସୃଷ୍ଟି ହେଉଛି। ତେଣୁ ଚଳିତବର୍ଷ ଅଧିକାରୀମାନେ ଗୁଣ୍ଡିଚାବାଡ଼ି ପଡ଼ିଆକୁ ଯାଇ ସ୍ଥିତି ଅନୁଧ୍ୟାନ କରିବାପରେ ଅସ୍ଥାୟୀ ବାଣ ବଜାର ପାଇଁ ବିକଳ୍ପ ସ୍ଥାନ ସ୍ଥିର କରିବାପାଇଁ ତହସିଲଦାର ଓ ସହକାରୀ ଅଗ୍ନିଶମ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିବା ଜିଲା ନ୍ୟାୟିକ ବିଭାଗ ପକ୍ଷରୁ ସୂଚନା ମିଳିଛି । ମାତ୍ର ଏ ପର୍ଯ୍ୟନ୍ତ କୌଣସି ସ୍ଥାନ ନିରୂପଣ ହୋଇ ନ ଥିବା ଜଣାପଡ଼ିଛି। ସେହିପରି ସହରରେ ରହିଥିବା ୬ ସ୍ଥାୟୀ ବାଣ ଦୋକାନୀଙ୍କ ମଧ୍ୟରୁ ଏ ବର୍ଷ ଜଣେ ବ୍ୟବସାୟୀଙ୍କ ସ୍ଥାୟୀ ଲାଇସେନ୍ସ ରହିଥିବାବେଳେ ଅନ୍ୟ ୫ ବ୍ୟବସାୟୀଙ୍କ କୌଣସି କାରଣରୁ ନବୀକରଣ ହୋଇପାରି ନ ଥିବା ଜଣାପଡ଼ିଛି। ଫଳରେ ସେମାନେ ପାର୍ବଣ ଋତୁ ପାଇଁ ଏକ ଅସ୍ଥାୟୀ ଲାଇସେନ୍ସରେ ବ୍ୟବସାୟ କରୁଥିବା ଜଣାପଡ଼ିଛି । ତେବେ କେତେକ କ୍ଷେତ୍ରରେ ଗୋଟିଏ ସ୍ଥାନ ପାଇଁ ଲାଇସେନ୍ସ ନେଇ ସହରର ଅନ୍ୟସ୍ଥାନରେ ମଧ୍ୟ ଅସ୍ଥାୟୀ ଦୋକାନ ଖୋଲି ବ୍ୟବସାୟ ଚାଲୁଥିବା ଅଭିଯୋଗ ହେଉଛି । ଅନେକ ସମୟରେ ଅଗ୍ନିଶମ ବିଭାଗର ବିନା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ନିର୍ଭୟରେ ବାଣ ବିକ୍ରି ହେଉଥିବା ମଧ୍ୟ ଅଭିଯୋଗ ହେଉଛି। ତେଣୁ ଧନ, ଜୀବନର ସୁରକ୍ଷା ପାଇଁ ଏ ନେଇ ବିଶେଷ ପଦକ୍ଷେପ ନେବାପାଇଁ ସହରବାସୀ ତଥା ବୁଦ୍ଧିଜୀବୀଙ୍କ ମଧ୍ୟରେ ଦାବି ହେଉଛି।



ବାଣ ଦୋକାନ ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାଚିଲେ ନ ଖାଆନ୍ତି ଦୁଧ ଗଇଁଠା,**
**ମାଗି ବୁଲୁଥାଆନ୍ତି ପର ଅଇଁଠା**
**ପର ଘରେ ଯାଇ ପତର ଚଟା ।**

ଆମ ସମାଜରେ ଏପରି କିଛି ବ୍ୟକ୍ତି ଅଛନ୍ତି ଯେଉଁମାନେ ମାନସମ୍ମାନକୁ ଖାତିର ନ କରି ପର ଆଗରେ ହାତ ପତେଇଥାନ୍ତି। ଅଥଚ ଆଉ କେହି ଭଲଭାବେ ଆଦର ଅଭ୍ୟର୍ଥନା ଦେଖାଇଲେ ମଧ୍ୟ ସେ ତାହାକୁ ଗ୍ରହଣ ନ କରି ନାନା ସମାଲୋଚନା କରିଥାନ୍ତି। ପ୍ରକୃତିଛଡ଼ା ବ୍ୟକ୍ତିଙ୍କ ଏପରି ରଙ୍ଗଢ଼ଙ୍ଗ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଯାଉ ଶାୟକ,**
**ରହୁ ନାୟକ ।**

ମନୁଷ୍ୟର ଏକ ଉତ୍କୃଷ୍ଟ ଗୁଣ ହେଉଛି ମାନସମ୍ମାନ। ମଣିଷର ମର୍ଯ୍ୟାଦା ପ୍ରାଣଠାରୁ ବି ବିଶାଳ। ଏହାକୁ ଯିଏ ଥରେ ହରାଏ ସିଏ ଆଉ ତାହା ଫେରିପାଏନା। ମାନସମ୍ମାନ ହାନି ଯୋଗୁ ବ୍ୟକ୍ତିତ୍ୱର ବଳିଷ୍ଠତା ମଧ୍ୟ ହ୍ରାସ ପାଇଥାଏ। ତେଣୁ ଏଥିପ୍ରତି ସଜାଗ ରହିବା ବିଧେୟ ଅର୍ଥରେ ଏଭଳି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ୫-ଟି ସଚିବଙ୍କ ଗସ୍ତକୁ ନେଇ ପ୍ରଶାସନ ତତ୍ପର

**ପାରଳାଖେମୁଣ୍ଡି,୧୬।୧୦ (ସ୍ୱ.ପ୍ର.)-**

ମୋ ସରକାର କାର୍ଯ୍ୟକ୍ରମର ସମୀକ୍ଷା ପାଇଁ ୫-ଟି ସଚିବ ଭି. କେ. ପାଣ୍ଡିଆନ ବିଭିନ୍ନ ଜିଲା ଗସ୍ତ କରୁଛନ୍ତି। ଏହି ସମୟରେ କାର୍ଯ୍ୟରେ ଅବହେଳା ପାଇଁ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରୁଛନ୍ତି। ତେଣୁ ଗଜପତି ଜିଲାରେ ମଧ୍ୟ ଏ ନେଇ ଭୟ ସୃଷ୍ଟି ହେଲାଣି। ଫଳରେ ଦେଖିବାକୁ ମିଳିଛି। ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ, ଆହାର କେନ୍ଦ୍ର ସମେତ ପ୍ରମୁଖ ସ୍ଥାନରେ ତରବରିଆଭାବେ ସଫାସୁତରା କରାଯିବା ସହ ରଙ୍ଗ କରାଯାଉଥିବା ଦେଖିବାକୁ ମିଳିଛି। ସଫେଇ କାର୍ଯ୍ୟକ୍ରମ ମଧ୍ୟ ଚାଲିଛି। ତେବେ ଗଜପତି ଜିଲାକୁ ପାଣ୍ଡିଆନ୍‌ଙ୍କ ଗସ୍ତ ସମ୍ପର୍କରେ କୌଣସି ସଠିକ୍ ସୂଚନା ମିଳି ନ ଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ତତ୍ପରତା ବୃଦ୍ଧିପାଉଥିବାକୁ ନେଇ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।


୫ଟି ସଚିବଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଜିଲାପାଳ ଓ ଏସପି ଅନୁଧ୍ୟାନ କରୁଛନ୍ତି ।

# ସିପିଆଇଏମ୍ଏଲ୍‌ର ପ୍ରତିବାଦ ଶୋଭାଯାତ୍ରା

**ଗୁଣପୁର,୧୬।୧୦(ଡି.ଏନ୍.ଏ.)**

ଦେଶର ଆର୍ଥିକ ସଙ୍କଟ ସହ ଲୋକଙ୍କ ଦୁର୍ଦ୍ଦଶାକୁ ନେଇ ରାୟଗଡା ଜିଲା ଗୁଣପୁର ସିପିଆଇଏମ୍ଏଲ୍ ଶାଖ ପକ୍ଷରୁ ଏକ ପ୍ରତିବାଦ ସଭା ବୁଧବାର କରାଯାଇଛି। ସିପିଆଇଏମ୍ଏଲ୍ ଜିଲା ସମ୍ପାଦକ ତ୍ରିପତି ଗମାଙ୍ଗଙ୍କ ନେତୃତ୍ୱରେ ପୁରୁଣା ବସ୍‌ଷ୍ଟାଣ୍ଡରୁ କର୍ମୀମାନେ ଏକ ପଦଯାତ୍ରାରେ ବାହାରିଥିଲେ। ସେମାନେ କେନ୍ଦ୍ର ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବୃନ୍ଦାବତି ବିଡିକା, ଦାମୋଦରଶବର,କୈଳାଶ ଶବର, ରେଲି ଦଳ ବେହେରା, ପଇତ ଶବର, ସୁରପତି ଶବର, ଡିସୁନ ଗମାଙ୍ଗ ଏବଂ ପ୍ରସାଦ ଲିମା ପ୍ରମୁଖ ଉପସ୍ଥିତ ଥିଲେ।



ସିପିଆଇଏମ୍ଏଲ୍ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା ।

# ଜୀବନ ବିନ୍ଦୁ କାର୍ଯ୍ୟକ୍ରମରୁ ୧୧୪ ୟୁନିଟ୍ ରକ୍ତ ସଂଗ୍ରହ



**ପାରଳାଖେମୁଣ୍ଡି, ୧୬।୧୦ (ସ୍ୱ.ପ୍ର.)**

ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୪ ତମ ଜନ୍ମ ଦିବସ ଉପଲକ୍ଷେ ବୁଧବାର ଜିଲା ବିଜେଡି ପକ୍ଷରୁ ପାରଳାଖେମୁଣ୍ଡିସ୍ଥିତ ରୋଟାରୀ ହଲରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବିଜେଡି ନେତ୍ରୀ ତଥା ପାରଳାଖେମୁଣ୍ଡି ରାଜକୁମାରୀ କଲ୍ୟାଣୀ ଦେବୀ ରକ୍ତଦାନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏଥିରେ ବିଜେଡିର ବହୁ ନେତା, କର୍ମୀ ଓ ସାଧାରଣ ଲୋକ ଉପସ୍ଥିତ ରହି ରକ୍ତଦାନ କରିଥିଲେ । ଚଳିତବର୍ଷ ଫନୀ ବାତ୍ୟା ଯୋଗୁ ମୁଖ୍ୟମନ୍ତ୍ରୀ ନିରାଡମ୍ବରଭାବେ ଜନ୍ମଦିନ ପାଳନ କରିଛନ୍ତି। ତେଣୁ ଦଳ ପକ୍ଷରୁ ମଧ୍ୟ ନିରାଡମ୍ବରଭାବେ ପାଳନ କରାଯାଇଥିବାବେଳେ ଏହି ରକ୍ତଦାନ ଶିବିରରୁ ମୋଟ ୧୧୪ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିବା ଜଣାପଡିଛି । କାର୍ଯ୍ୟକ୍ରମକୁ ରେଡ୍‌କ୍ରସ ପକ୍ଷରୁ ଖଗେଶ୍ୱର ବେହେରା ଅନୁଧ୍ୟାନ କରିଥିଲେ। ଶିବିରରେ ଜିଲା ବିଜେଡି ସଭାପତି ପ୍ରଦୀପ କୁମାର ନାୟକ, ପୂର୍ବତନ ପାରଳାଖେମୁଣ୍ଡି ବିଧାୟକ କେ. ସୁରିୟା ରାଓ, ପୂର୍ବତନ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅନ୍ତର୍ଯ୍ୟାମୀ ଗମାଙ୍ଗ, ଉପସଭାପତି ଲକ୍ଷ୍ମୀକାନ୍ତ ପରିଚ୍ଛା, ନଗର ସଭାପତି ସୂର୍ଯ୍ୟନାରାୟଣ ରାଜଗୁରୁ, ରାଜେନ୍ଦ୍ର କୁମାର ବେହେରା, ସଞ୍ଜୁକ୍ତା ବେହେରାଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ।

# ୧୯ରେ ମିଳିତ ବାମପନ୍ଥୀ ଦଳର ବିକ୍ଷୋଭ ଶୋଭାଯାତ୍ରା

**ପାରଳାଖେମୁଣ୍ଡି, ୧୬।୧୦ (ସ୍ୱ.ପ୍ର.)**

ଅକ୍ଟୋବର ୧୯ରେ ମିଳିତ ବାମପନ୍ଥୀ ଦଳ ପକ୍ଷରୁ ପାରଳାଖେମୁଣ୍ଡିସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ବିଶାଳ ବିକ୍ଷୋଭ ଶୋଭାଯାତ୍ରା କାର୍ଯ୍ୟକ୍ରମ ପାଇଁ ଆହ୍ୱାନ ଦିଆଯାଇଛି। କେନ୍ଦ୍ରରେଥିବା ଭାଜପା ସରକାରଙ୍କ ଭୁଲ ନୀତି ଯୋଗୁ ଦେଶର ଅର୍ଥନିତୀ କ୍ଷତିଗ୍ରସ୍ତ ହେବା ସହ ଘୋର ମାନ୍ଦାବସ୍ଥା ସୃଷ୍ଟି ହୋଇଛି। ଏପରିକି ସାଧାରଣ ବ୍ୟବସାୟୀଙ୍କ ବ୍ୟବସାୟ ମଧ୍ୟ ହ୍ରାସ ପାଇଛି । ଯଦ୍ୱାରା ଉତ୍ପାଦନ ହ୍ରାସ ପାଇବା ସ ଶ୍ରମିକମାନେ ମଧ୍ୟ କାମ ପାଉନାହାନ୍ତି । ଚାଷୀମାନେ ଫସଲର ଉଚିତ ମୂଲ୍ୟ ନ ପାଇ ଋଣ ବୋଝରେ ଭାରାକ୍ରାନ୍ତ ହେଉଛନ୍ତି। ସେହିପରି ଏହି ଶାସନରେ ମୁଷ୍ଟିମେୟ ତଥା ପୁଞ୍ଜିବାଦୀମାନେ ଅଧିକ ଲାଭବାନ ହେଉଥିବା ଦେଖିବାକୁ ମିଳୁଛି । ତେଣୁ ମିଳିତ ବାମପନ୍ଥୀ ଦଳ ପକ୍ଷରୁ ଏହି ବିକ୍ଷୋଭ ଶୋଭାଯାତ୍ରାର ଡାକରା ଦିଆଯାଇଛି। ଏଥିରେ ବିଭିନ୍ନ ଦାବି ତଥା ସରକାରୀ ପୁଞ୍ଜି ନିବେଶର ବୃଦ୍ଧି, ସମସ୍ତ ପ୍ରକାର ଛଟେଇ ବ୍ୟବସ୍ଥାକୁ ବନ୍ଦ କରିବା, ସର୍ବନିମ୍ନ ମାସିକ ମଜୁରୀ ୧୮ହଜାର ଟଙ୍କା, ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଘରୋକରଣ ଓ ବିଦେଶୀ ପୁଞ୍ଜି ନିବେଶ ବନ୍ଦ ଆଦି ଉପସ୍ଥାପନ କରାଯିବ। ମିଳିତ ବାମପନ୍ଥୀ ଦଳ ସିପିଆଇ, ସିପିଆଇ(ଏମ୍), ସିପିଆଇ(ଏମ୍ଏଲ୍)ର ଜିଲାସ୍ତରୀୟ କର୍ମକର୍ତ୍ତାମାନେ ଏଥିରେ ଯୋଗଦେବେ ବୋଲି ସିପିଆଇର ବରିଷ୍ଠ ନେତା ଜେନା ସୁବାଷ ଚନ୍ଦ୍ର ରାଓ, ଦଣ୍ଡପାଣି ରଇତ ଓ ବିଦ୍ୟାଧର ପାତ୍ର ସୂଚନା ଦେଇଛନ୍ତି।

## ■ ବେଆଇନ ଦେଶୀମଦ କାରବାର

# ଅଞ୍ଚଳବାସୀଙ୍କ ମଧ୍ୟରେ ବଢ଼ୁଛି ଅସନ୍ତୋଷ


ବେଆଇନ ଭାବେ ଚାଲିଥିବା ଦେଶୀ ମଦ ଦୋକାନ ।

**ପାରଳାଖେମୁଣ୍ଡି, ୧୬।୧୦(ସ୍ୱ.ପ୍ର.) –**

ପାରଳାଖେମୁଣ୍ଡି ଉପକଣ୍ଠସ୍ଥ ରାମସାଗର ଛକ ନିକଟ ଅଞ୍ଚଳରେ ବେଆଇନ ଦେଶୀ ମଦ କାରବାର ନେଇ ଅଭିଯୋଗ ହେଉଛି । ଗତ ମାର୍ଚ୍ଚ ୩୧ ରୁ ପାରଳାଖେମୁଣ୍ଡି ସହରର ସମସ୍ତ ବେସରକାରୀ ଦେଶୀ ମଦ କାରଖାନା ବନ୍ଦ ହୋଇଥିବାବେଳେ ଏଠାରେ କିପରି ବେଆଇନଭାବେ କାରବାର ଚାଲିଛି ବୋଲି ଅଞ୍ଚଳବାସୀ ପ୍ରଶ୍ନ ଉଠାଇବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ଏଠାରେ ମଦ କାରବାର ଯୋଗୁ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିବା ସହ ଏହି ରାସ୍ତାଦେଇ ଯାତାୟାତ କରୁଥିବା ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ରାସ୍ତାଦେଇ ଲୋକେ ପାରଳାଖେମୁଣ୍ଡି ସହରରୁ ନୂଆକେରାଣ୍ଡି, ପୁରୁଣାକେରାଣ୍ଡି, ଡାଳିମ୍ବପୁର, ଅମରା, ରାଟିଣୀ, ବ୍ରାହ୍ମଣ ସୀତାପୁର, ଢାମୁଣୀଗାଁ, ଦେବିତୀ ଆଦି ଗ୍ରାମାଞ୍ଚଳକୁ ଯାତାୟତ କରିଥାନ୍ତି। ସେହିପରି ଏହା ପାର୍ଶ୍ୱରେ କାଳୀ ମନ୍ଦିର ଏବଂ ପ୍ରାୟ ୫୦ମିଟର ଦୂରତାରେ ପୁରାତନ ରାମଲିଙ୍ଗେଶ୍ୱର ଶିବାଳୟ ରହିଛି । ଏଠାକୁ ପ୍ରତିଦିନ ଶ୍ରଦ୍ଧାଳୁ ଦର୍ଶନ ପାଇଁ ଯାଇଥାନ୍ତି। ପୁଣି ଏବେ ପବିତ୍ର କାର୍ତ୍ତିକ ମାସ ଯୋଗୁ ଶ୍ରଦ୍ଧାଳୁଙ୍କ ସଂଖ୍ୟା ଅଧିକ ଦେଖିବାକୁ ମିଳୁଛି। ତେଣୁ ଏଠାରେ ମଦ ବିକ୍ରି ଯୋଗୁ ଅସନ୍ତୋଷ ବୃଦ୍ଧି ପାଉଛି। ତେଣୁ ତୁରନ୍ତ ଏ ନେଇ ପଦକ୍ଷେପ ଗ୍ରହଣ କରିବା ପାଇଁ ଅଞ୍ଚଳବାସୀ ଓ ବୁଦ୍ଧିଜୀବୀଙ୍କ ମଧ୍ୟରେ ଦାବି ହୋଇଛି।

## ବଜ୍ରପାତରେ ମହିଳା ମୃତ

ବେଗୁନିଆପଡ଼ା,୧୬।୧୦(ଡି.ଏନ.ଏ.)- ବେଗୁନିଆପଡ଼ା ବ୍ଲକ ଏସ୍.ଛଟିନା ପଞ୍ଚାୟତର ଡୁମୁଡ଼ା ଗ୍ରାମରେ ବୁଧବାର ଅପରାହ୍ନରେ ବଜ୍ରପାତରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପି. ଉମା ପାତ୍ରଙ୍କ ସ୍ତ୍ରୀ ପି.ତାରମା। ପି.ତାରମା ନିଜ ବିଲକୁ ଘାସ ବାଛିବା ପାଇଁ ଯାଇଥିଲେ। ହଠାତ ବର୍ଷା ହେବା ସହ ବଜ୍ରପାତ ହେବାରୁ ତରମା ଚେତାଶୂନ୍ୟ ହୋଇଯାଇଥିଲେ। ତାଙ୍କୁ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ବେଗୁନିଆପଡ଼ା ପୋଲିସ ପହଞ୍ଚି ମୃତଦେହ ଜବତ କରି ଗୁରୁବାର ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି କହିଛି।

# ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସମୀକ୍ଷା ବୈଠକ

**ପାରଳାଖେମୁଣ୍ଡି, ୧୬।୧୦ (ସ୍ୱ.ପ୍ର.)**

ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ସ୍ଥାନୀୟ ପୌର ସ୍ୱାସ୍ଥ୍ୟ କେନ୍ଦ୍ରରେ ବୁଧବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସିଡିଏମ୍‌ଓ ଡା. ଗୁନୁରାଣୀ ପଟ୍ଟନାୟକ ଯୋଗଦେଇ ଜିଲାରେ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ କିପରି ଚାଲିଛି ଏବଂ ତାହା କିପରି ଅଧିକ ସୁଦୂର ପ୍ରସାରୀ ଏବଂ ସଫଳ ହୋଇପାରିବ ସେ ନେଇ କର୍ମଚାରୀମାନେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଆବଶ୍ୟକ ବୋଲି କହିଥିଲେ । ଏଥିରେ ମୁଖ୍ୟତଃ ଜିଲା ପାଇଁ ଯେଉଁ ମୋବାଇଲ ଟିମ୍ ଗୁଡିକ କାର୍ଯ୍ୟକରୁଛନ୍ତି ସେମାନେ କିପରି କାର୍ଯ୍ୟକରିବା ଆବଶ୍ୟକ ଏବଂ ଟମ୍ କିପରି ଶିଶୁମାନଙ୍କ ନିକଟରେ ପହଞ୍ଚି ବିଭିନ୍ନ ପରୀକ୍ଷା କରିପାରିବେ ସେ ବିଷୟରେ ବୁଝାଇଥିଲେ। ସେହିପରି ଗ୍ରାମାଞ୍ଚଳରେ ଟିମ୍ ଗୁଡ଼ିକ ବିଭିନ୍ନ ଅଙ୍ଗନୱାଡ଼ି କେନ୍ଦ୍ର ତଥା ବିଦ୍ୟାଳୟରେ ପହଞ୍ଚି ଶିଶୁଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିବା ଏବଂ କିଛି ସମସ୍ୟା ଥିଲେ ସେମାନଙ୍କୁ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବାର ବ୍ୟବସ୍ଥା କରିବା ଆବଶ୍ୟକ ବୋଲି କାର୍ଯ୍ୟକ୍ରମରେ କୁହାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବ୍ଲକସ୍ତରୀୟ ସମସ୍ତ କର୍ମଚାରୀମାନେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପି. କେ. ପାତ୍ର, ଶିଶୁ ବିଶେଷଜ୍ଞ ଡା. ଆର୍. ଆର୍. ସାହୁ, ଜିଲା କାର୍ଯ୍ୟକ୍ରମ ପରିଚାଳିକା ସୌମ୍ୟରାଣୀ ଗୌଡ଼, ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ପରିଚାଳକ ସାଇ ପ୍ରସାଦ ଦାସ ଉପସ୍ଥିତ ଥିଲେ।

## ■ ମା'ଙ୍କ ରୋଗ ଉପଶମ କରିବାକୁ ଯାଇ

# ପୁଅ ତିଆରି କଲେ ଅଣ୍ଡାରୁ ଚିଆଁ ଫୁଟା ଯନ୍ତ୍ର

**ଲୋକନାଥ ମିଶ୍ର**
**ଖୋର୍ଦ୍ଧା ଅଫିସ,୧୬।୧୦**

ମା'ଙ୍କ ରୋଗ ଉପଶମର ପଥ ଦେଖାଇଲା ନୂଆ ଉପାୟ। ପୁଅ ତିଆରି କରି ପକାଇଲେ ଅଣ୍ଡାରୁ ଚିଆଁ ଫୁଟା ଯନ୍ତ୍ର। ତାହା କୁକୁଡ଼ା ଅଣ୍ଡାରୁ ଚିଆଁ ଫୁଟାଇବାରେ ସହାୟକ ହୋଇପାରୁଛି। ମା'ଙ୍କ ରୋଗ ଉପଶମ ହେଲା। ପୁଅ କିନ୍ତୁ ଅନ୍ୟ ପାଇଁ ପ୍ରେରଣାର ଉତ୍ସ ପାଲଟିଗଲେ। ଯନ୍ତ୍ରକୁ ଦେଖିବାକୁ ଭିଡ ଜମୁଛି ବେଗୁନିଆ ବ୍ଲକର ଚଣ୍ଡିଆପଲ୍ଲୀ ଗାଁରେ। ଚଣ୍ଡିଆପଲ୍ଲୀ ଗାଁରେ ରାକେଶ କୁମାର ସ୍ୱାଇଁ ଓରଫ ପପୁ ଏହି ଯନ୍ତ୍ର ଉଦ୍ଭାବନ କରି ଚର୍ଚ୍ଚାକୁ ଆସିଛନ୍ତି।

ମା'ଙ୍କର ଡାଇବେଟିସ୍ ରୋଗ କମାଇବାକୁ ଦରକାର ପଡିଥିଲା ଝାଡ଼ଖଣ୍ଡ କୁକୁଡ଼ା କଡ଼କନାଥର ଅଣ୍ଡା। ବହୁ ଖୋଜାଖୋଜି ପରେ ଏହି ପ୍ରଜାତିର କୁକୁଡ଼ାର ଅଣ୍ଡା ପପୁ ପାଇ ନ ଥିଲେ। ନିଜ ଗାଁକୁ ଖୋର୍ଦ୍ଧାରୁ ଗଲାବେଳେ ଶରଧାପୁରର ମୁନା ଭାଇଙ୍କ ଗ୍ୟାରେଜରେ କିଛିଦିନ ତଳେ କଡ଼କନାଥ କୁକୁଡ଼ା ଦେଖିବାକୁ ପାଇଥିଲେ। ସେହି କୁକୁଡ଼ାର ଅଣ୍ଡା ମାଗି ମାତ୍ର ଗୋଟିଏ ପାଇଥିଲେ। ଗୋଟିଏ ଅଣ୍ଡା ମା'ଙ୍କୁ ଖାଇବାକୁ ଦେବେ ନାଁ ଏଥିରୁ ଚିଆଁ ଜନ୍ମ କରି ଏହି ପ୍ରଜାତିର କୁକୁଡ଼ାର ବଂଶ ବଢ଼ାଇବେ, ରାତିତମାମ ଚିନ୍ତା କରିଥିଲେ। ଶେଷରେ ଅଣ୍ଡାରୁ ଚିଆଁ ଫୁଟା ଯନ୍ତ୍ର ନିର୍ମାଣ ଉପାୟ ତାଙ୍କୁ ଜୁଟିଥିଲା। ଅଣ୍ଡାଟିକୁ ମା'ଙ୍କୁ ଖାଇବାକୁ ନ ଦେଇ କୁକୁଡ଼ାର ବଂଶ ବଢ଼ାଇବାକୁ ଯନ୍ତ୍ର ପ୍ରସ୍ତୁତିରେ ଲାଗି ପଡ଼ିଲେ। ବଜାରରୁ କିଛି ସରଞ୍ଜାମ ଯୋଗାଡ଼ କରି ତିଆରି କଲେ ଦେଶୀୟ କୌଶଳରେ ଅଣ୍ଡାରୁ ଚିଆଁ ଫୁଟା ଯନ୍ତ୍ର। ଏହି ଯନ୍ତ୍ରରେ ଏକାଧିକ ଅଣ୍ଡା ଫୁଟାଇ ସାରିଲେଣି। ଏ ନେଇ ପପୁ କୁହନ୍ତି, ଯନ୍ତ୍ର ସହାୟତାରେ ୮୫ରୁ ୯୦ ପ୍ରତିଶତ ଅଣ୍ଡାରୁ ଚିଆଁ ଫୁଟିପାରୁଛି। ୨୦ଦିନ ଅଣ୍ଡା ଯନ୍ତ୍ରରେ ରହିବା ପରେ ଚିଆଁ ଜନ୍ମ ହେଉଛି। ପ୍ରଥମେ ଗୋଟିଏ ଚିଆଁ ବାହାରିଥିଲା। ୨ୟ ଥର ୨୦ଟି ଅଣ୍ଡାରୁ ୧୬ଟି ବାହାରିଛି। ତୃତୀୟ ଥର ପାଇଁ ମଙ୍ଗଳବାର ୪୦ ଅଣ୍ଡାରୁ ଗୋଟିଏ ଚିଆଁ ବାହାରିଛି। ପର୍ଯ୍ୟାୟକ୍ରମେ ଅଣ୍ଡାରୁ ଚିଆଁ ବାହାରିବ ବୋଲି ପପୁ କହିଛନ୍ତି। ପ୍ରଥମ ଚିଆଁ ୫୦ ଦିନର ହୋଇ ସାରିଲାଣି। ଅନ୍ୟଗୁଡିକ ୨୦ଦିନର। ଘରେ ଏବେ କଡ଼କନାଥ, ଆନ୍ଧ୍ର ଦେଶୀ ହାଜରା, ଆନ୍ଧ୍ରର ପ୍ୟାରେଡନୋଜ୍ କୁକୁଡ଼ା ରହିଛନ୍ତି। ପ୍ରଥମ ଯନ୍ତ୍ର କାଗଜ କାର୍ଟୁନରେ ତିଆରି ହୋଇଥିଲା। ପ୍ରଥମ ଯନ୍ତ୍ରର ସଫଳତା ପରେ ୨ୟ ଯନ୍ତ୍ର ପ୍ଲାଏରେ ନିର୍ମାଣ କରିଥିଲି। ଏବେ ୨୫୦ ଅଣ୍ଡାରୁ ଚିଆଁ ଫୁଟିଲା ପରି ଯନ୍ତ୍ର ନିର୍ମାଣ ଚାଲିଛି। ଏଥିରେ ୧୨ ଭୋଲ୍ଟ୍‌ର ଡିସି ଫ୍ୟାନ, ୪୦ ପାୱାର ବଲ ଦୁଇଟା, ହିମୋନିଟ ତାପମାତ୍ରାର ମେଶିନ୍, ତାପମାତ୍ରା କଣ୍ଟ୍ରୋଲ ମେଶିନ୍, ତାପମାତ୍ରା କଣ୍ଟ୍ରୋଲ ପାଇଁ ରିଲେ ମେଶିନ୍, ଅଧା ଲିଟର ପାଣିପାତ୍ର ରହୁଛି। ପ୍ରଥମ ଯନ୍ତ୍ରରେ ୮୦୦ ଟଙ୍କା ଓ ୨ୟ ମେଶିନ୍‌ରେ ୩୫ ଶହ ଟଙ୍କା ଖର୍ଚ୍ଚ ହୋଇଛି। ଅନ୍ୟପକ୍ଷେ ଏକ ଅଟୋମେଟିକ୍ ଅଣ୍ଡା ରୋଟେଡ୍ ମେଶିନ ନିର୍ମାଣ ଚାଲିଛି। ବିଦ୍ୟୁତ୍ ବ୍ୟାକ ଅପ୍ ଏଥିରେ ୩ ଘଣ୍ଟା ରହିବ। ୨୫୦ ଗୋଟି ଚିଆଁ ବାହାରିବ।


ଅଣ୍ଡାରୁ ଚିଆଁ ଫୁଟା ଯନ୍ତ୍ର ସହ ରାକେଶ ।

## ସଂକ୍ଷେପରେ

### ପେସାରେ ପୋଲିସ, ନିଶାରେ ଗାୟକ

ଜୟପୁର,୧୬।୧୦(ନି.ପ୍ର.): ପେସାରେ ସରକାରୀ ଚାକିରିଆ, ହେଲେ ନିଶା ଗୀତ ଗାଇବା। ଏମିତି ଗୀତ ଗାଇ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଛନ୍ତି ସରକାରୀ ଅଧିକାରୀ। ସେ ହେଉଛନ୍ତି ଜୟପୁର ଟାଉନ ଥାନା ଅଧିକାରୀ ବାଲେଶ୍ୱର ଗିଧି। ପୋଲିସ ଅଫିସର ଭାବେ ଚୋର ଡକାୟତଙ୍କୁ ଯେମିତି ସାବାଡ଼ କରନ୍ତି, ସେଥିପାଇଁ ସାଧାରଣରେ ସେ ପ୍ରସଂଶାର ପାତ୍ର ହୋଇଥିବାବେଳେ ମଙ୍ଗଳବାର ନିଜର କଳା ପ୍ରତିଭା ଦେଖାଇ ପୁଣି ଚର୍ଚ୍ଚାକୁ ଆସିଛନ୍ତି। ସେହିପରି ଆଉ ଜଣେ ପେସାରେ ସରକାରୀ ଚାକିରିଆ ଓ ଗୀତକୁ ନିଶା କରିଥିବା ବ୍ୟକ୍ତି ହେଉଛନ୍ତି ମନୋଜ ଦାଶ। ସେ ନବରଙ୍ଗପୁର ଜିଲା ସହକାରୀ ଯୋଗାଣ ଅଧିକାରୀ। ମଙ୍ଗଳବାର ଜୟପୁର ସହରର ରଜାନହର ଛକରେ ପ୍ରଖ୍ୟାତ କଣ୍ଠଶିଳ୍ପୀ କିଶୋର କୁମାରଙ୍କ ଉଦ୍ଦେଶ୍ୟରେ ଆୟୋଜିତ 'ଅଗର ତୁମ୍ ନା ହୋତେ' ନାମକ ଏକ ମେଲୋଡି କାର୍ଯ୍ୟକ୍ରମରେ ଏହି ଦୁଇ ସରକାରୀ କର୍ମଚାରୀଙ୍କ କଳାକୁ ପ୍ରଥମଥର ପାଇଁ ଦେଖିଛନ୍ତି ସ୍ଥାନୀୟ ଜନତା।

### ତୃତୀୟ ଦିନରେ ହାଲ୍ ଧର୍ମଘଟ ଉତ୍ପାଦନ ବନ୍ଦ

କୋରାପୁଟ,୧୬।୧୦(ସ୍ୱ.ପ୍ର.)ଦରମା ନିର୍ଦ୍ଧାରଣ ଲାଗୁ ଦାବିରେ ସୋମବାରରୁ ସୁନାବେଡ଼ା ସ୍ଥିତ ହାଲ୍ କୋରାପୁଟ ଡିଭିଜନର ୨ ହଜାରରୁ ଊର୍ଦ୍ଧ୍ୱ କର୍ମଚାରୀ ଧର୍ମଘଟ ଆରମ୍ଭ କରିଛନ୍ତି। ବୁଧବାର ଏହି ଆନ୍ଦୋଳନ ତୃତୀୟ ଦିନରେ ପହଞ୍ଚିଛି। ତିନିଦିନ ହେଲା ହାଲ କାରଖାନା ସମ୍ପୂର୍ଣ୍ଣ ବନ୍ଦ ରହିଥିବାବେଳେ ଉତ୍ପାଦନ ବ୍ୟାହତ ହୋଇଛି। କିନ୍ତୁ ଏଯାଏ ହାଲ କର୍ତ୍ତୃପକ୍ଷ କୌଣସି ନିଷ୍ପତ୍ତି ନେଇନାହାନ୍ତି। ଫଳରେ କମ୍ପାନିର ବ୍ୟାପକ କ୍ଷତି ଚାଲିଛି। ହିନ୍ଦୁସ୍ତାନ ଏରୋନଟିକ୍ସ କର୍ମଚାରୀ ସଂଘର ସାଧାରଣ ସଂପାଦକ ପି. ଦୋରା, ବିଜୁ ଏରୋନଟିକସ କର୍ମଚାରୀ ସଂଘର ସାଧାରଣ ସଂପାଦକ ଶ୍ରୀନିବାସ ମାଣିକ ଏବଂ ହାଲ ମଜଦୁର ସଂଘର ସାଧାରଣ ସଂପାଦକ ରାମ ପ୍ରସାଦ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର କରାଯିବ ବୋଲି କହିଛନ୍ତି। ଆନ୍ଦୋଳନକୁ କୋରାପୁଟ ବିଧାୟକ ରଘୁରାମ ପଡାଲ ଓ ପଟ୍ଟାଙ୍ଗି ବିଧାୟକ ପ୍ରୀତମ ପାଢ଼ୀ ସମର୍ଥନ କରିବା ସହ କର୍ମଚାରୀଙ୍କ ନ୍ୟାଯ୍ୟ ଦାବି ନେଇ ହାଲ୍ କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି। ଜିଲା କଂଗ୍ରେସ ସାଧାରଣ ସଂପାଦକ କୃଷ୍ଣ କୁଲଦୀପ ଓ ପିସିସି ସଭ୍ୟ ଜଗଦୀଶ ଖୋସ୍ଲା ମଧ୍ୟ ସମର୍ଥନ ଜଣାଇଛନ୍ତି। ଗତ ୩ମାସରେ ୧୫ଟି ବୈଠକ ସତ୍ତ୍ୱେ କର୍ମଚାରୀଙ୍କ ସମସ୍ୟା ସମାଧାନ ହୋଇପାରିନାହିଁ।

### ଗ୍ରାହକଙ୍କୁ ମାଡ଼ ମାରି ଢାବା ମାଲିକ ଗିରଫ

ବାସୁଦେବପୁର,୧୬।୧୦ (ଡି.ଏନ.ଏ.): ଗ୍ରାହକଙ୍କୁ ମାଡ଼ ମାରିବା ଅଭିଯୋଗରେ ବାସୁଦେବପୁର-ଧାମରା ରାସ୍ତାର ନଳବାଙ୍କଠାରେ ଥିବା ଏକ ଢାବାର ମାଲିକ ଚିନ୍ମୟ ଭୋଇଙ୍କୁ ନାୟକାଣିଡିହୀ ଥାନା ପୋଲିସ ବୁଧବାର ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, ଗତ ସୋମବାର ବ୍ରଜାନନ୍ଦପୁର ଗ୍ରାମର ରମେଶ ଚନ୍ଦ୍ର ନାୟକ ନାମକ ଜଣେ ବ୍ୟକ୍ତି ଏହି ଢାବାକୁ ଖାଇବାକୁ ଯାଇଥିଲେ। ଖାଇସାରିବା ପରେ ଟଙ୍କା ନେବା ଦେବାକୁ ନେଇ ଢାବା ମାଲିକ ଚିନ୍ମୟ ଓ ଗ୍ରାହକ ରମେଶଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପରେ ଚିନ୍ମୟଙ୍କ ମାଡ଼ରେ ରମେଶଙ୍କ ବାମ ହାତ ଭାଙ୍ଗି ଯାଇଥିଲା। ରମେଶଙ୍କ ଅଭିଯୋଗ କ୍ରମେ ଥାନାରେ ମାମଲା(ନଂ. ୧୬୦/୧୯) ରୁଜୁ ହୋଇଥିଲା।

## ■ ମଦ ବେପାରୀ–ଅବକାରୀ ବିଭାଗର ମଧୁଚନ୍ଦ୍ରିକା

# ବଟି କମିବା ଆଶଙ୍କାରେ ବନ୍ଦ ହେଉନି ଭାଟି

କୁନ୍ଦୁରା,୧୬।୧୦(ଡି.ଏନ୍.ଏ.)

ମଦ ବେପାରୀ ଓ ଅବକାରୀ ବିଭାଗର ମଧୁଚନ୍ଦ୍ରିକା ଯୋଗୁ କୋରାପୁଟ ଜିଲା କୁନ୍ଦୁରା ବ୍ଲକ ବିଷାକ୍ତ ଦେଶୀମଦର ଭୂସ୍ୱର୍ଗ ପାଲଟିଛି। ମହିଳାମାନେ ମଦ ବନ୍ଦ ଅଭିଯାନ ଆରମ୍ଭ କରି ବିଭିନ୍ନ ପଞ୍ଚାୟତରେ ଶୋଭାଯାତ୍ରା ଓ ବୈଠକ କରୁଥିବାବେଳେ ପୋଲିସ କିମ୍ବା ଅବକାରୀ ବିଭାଗ ସହଯୋଗ ନ କରିବା ସବୁଠୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଭିନ୍ନ ସମୟରେ ଅବକାରୀ ବିଭାଗ ଅଞ୍ଚଳକୁ ଯାଇ ଚାନ୍ଦା ଆଦାୟ କରି ମଦ ବିକ୍ରି କରିବାରେ ସହାୟକ ହେଉଥିବା ମହିଳାମାନେ କହିଛନ୍ତି।

ଗତ ସପ୍ତାହରେ କୁନ୍ଦୁରା ସୀମାନ୍ତ ରାଣୀଗୁଡ଼ାରେ ମଦ ବ୍ୟବସାୟୀଙ୍କ ଉପରେ ଅତିଷ୍ଠ ହୋଇ ମଦଭାଟି ପୋଡ଼ାଯାଇଥିଲା। ଗତ ୧୨ ତାରିଖ ନବଗଠିତ ପଞ୍ଚାୟତ ପଖନାଗୁଡ଼ାରେ ଚାଲିଥିବା ଅବାଧ ଦେଶୀମଦ କାରବାରକୁ ବନ୍ଦ କରିବା ପାଇଁ ମଧ୍ୟ ବୈଠକ ବସିଥିଲା। ମଦ ବନ୍ଦ କରି ବେପାରୀଙ୍କୁ ଧରିବା ପାଇଁ ଅବକାରୀ ଏସ୍ଆଇ ସନ୍ତୋଷ ପାଉଲେ ଓ କୁନ୍ଦୁରା ଥାନା ଅଧିକାରୀଙ୍କୁ କୁହାଯାଇଥିଲା। କୁନ୍ଦୁରା ଥାନା ସହଯୋଗର ହାତ ବଢ଼ାଇଥିବା ବେଳେ ଅବକାରୀ ବିଭାଗ ନିରବ ରହିଥିଲା। କିନ୍ତୁ ଘଟଣାର ୪ଦିନ ପରେ ପଖନାଗୁଡ଼ାରେ ପହଞ୍ଚି ଘର ଘର ବୁଲି ତଦନ୍ତ କରୁଛି ବିଭାଗ। ଏଯାବତ୍ ଗ୍ରାମର ୫୦୦ ମହିଳା ପୁରୁଷ ମିଶି ଅବକାରୀ ବିଭାଗ ଓ ଥାନାର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଆଖିଦୃଶିଆ ପଦକ୍ଷେପ ନିଆଯାଉ ନାହିଁ। ଗତ ୧୪ ତାରିଖ ଗ୍ରାମବାସୀ ଥାନାରେ ପହଞ୍ଚି ମଦ ବିକ୍ରେତାଙ୍କୁ ଗିରଫ ନ କରିବା ଯାଏ ଆମେ ଏଠାରୁ ଯିବୁ ନାହିଁ ବୋଲି ଅଡ଼ି ବସିଥିଲେ। ଥାନା ଅଧିକାରୀଙ୍କ ଜରିଆରେ ଏସ୍‌ପିଙ୍କୁ ଦାବିପତ୍ର ମଧ୍ୟ ଦିଆଯାଇଥିଲା। ସେହିଦିନ ମଦବିକ୍ରିକୁ ବିରୋଧ କରୁଥିବା କେତେକ ମହିଳାଙ୍କ ଉପରକୁ ଆକ୍ରମଣ କରାଯାଇଥିଲା। ଫଳରେ ପଖନାଗୁଡ଼ା, ଟଭାପଦର, ମାର୍କିଡିଗୁଡ଼ା, ଖାଡଙ୍ଗାଗୁଡ଼ା, ପୋଡଙ୍ଗଗୁଡ଼ା ଗ୍ରାମର ଏସ୍ଏଚ୍‌ଜି, ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀଙ୍କ ସମେତ ପଞ୍ଚାୟତର ମହିଳାଙ୍କ ଗୋଟିଏ ଜିଦ୍, ଯେ କୌଣସି ମତେ ମଦ ବନ୍ଦ ହେବ। ଅନ୍ୟପକ୍ଷରେ ବୁଧବାର ଅବକାରୀ ବିଭାଗର ଏକ ୫ଜଣିଆ ଟିମ ପଖନାଗୁଡ଼ାରେ ପହଞ୍ଚି କେତେକଙ୍କ ଘରୁ ମହୁଲ ପୋଚ ଓ ମଦ ଜବତ କରିଥିଲା। କିନ୍ତୁ ୨ଟା ବେଳେ ଖାଇକରି ଆସିବୁ କହି ଟିମ୍ ବୈପାରୀଗୁଡ଼ା ଚାଲିଯାଇଥିଲା। ପରେ ସରପଞ୍ଚ ସାବିତ୍ରୀ ଭତ୍ରା ଓ ଅନ୍ୟମାନେ ଅବକାରୀ ଏସ୍ଆଇ ସନ୍ତୋଷ ପାଉଲେଙ୍କୁ ଯୋଗାଯୋଗ କରିବାରୁ ତାଙ୍କ ଫୋନ୍ ସୁଇଚ ଅଫ୍ ଥିଲା।


ପୋଲିସ ଅବକାରୀ ବିଭାଗର ଟିମ୍ ପଖନାଗୁଡା ଗାଁରେ ତଦନ୍ତ କରୁଛନ୍ତି ।

# ଜୀବନବିନ୍ଦୁ: ୧୨୦ ୟୁନିଟ୍ ରକ୍ତ ସଂଗ୍ରହ



ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦଙ୍କ ଉପସ୍ଥିତିରେ ଆୟୋଜିତ ରକ୍ତଦାନ ଶିବିର ।

ଜୟପୁର,୧୬।୧୦(ଡି.ଏନ୍.ଏ.)

ଜୟପୁରଠାରେ ବିଜୁ ଜନତା ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୪ତମ ଜନ୍ମଦିନ ଅବସରରେ ବୁଧବାର ୧୨୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଅଗ୍ରସେନ ଭବନରେ ଆୟୋଜିତ ଏହି ରକ୍ତଦାନ ଶିବିରରେ ପ୍ରାରମ୍ଭରୁ କୋରାପୁଟ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ଅଧ୍ୟକ୍ଷା ଡ. ଇନ୍ଦିରା ନନ୍ଦ କେକ୍ କାଟି ଏହାର ଶୁଭାରମ୍ଭ କରିଥିଲେ । ଏଥିରେ ବିଜେଡି ଦଳର ଯୁବ ଓ ଛାତ୍ର ପରିଷଦ ସମେତ ସାଧାରଣ ଜନତା ରକ୍ତଦାନ କରିଥିଲେ । ଏହି ଅବସରରେ ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦ, ପୂର୍ବତନ ଏମ୍‌ପି ଝିନ୍ନ ହିକ୍‌କା, ଜିଲା ସଭାପତି ଈଶ୍ୱର ପାଣିଗ୍ରାହୀ, ବିଷ୍ଣୁପ୍ରସାଦ ପାତ୍ର, ବାଲା ରାୟ, ସୂର୍ଯ୍ୟନାରାୟଣ ରଥ, ଦୁର୍ଗା ପ୍ରସାଦ ପାତ୍ର, ଅନୁପ ପାତ୍ର, ସରୋଜ ଦାଶ, ରମାନାଥ ମିଶ୍ର, ସୁଧୀର ତ୍ରିପାଠୀ, ରଞ୍ଜିତ ପଟ୍ଟନାୟକ, ଜୟନ୍ତ ସାନ୍ତ୍ରା, ଗୁପ୍ତ ପ୍ରସାଦ ବିଶୋଇ ଉପସ୍ଥିତ ଥିଲେ। ଜିଲା ଚିକିତ୍ସାଳୟର ରକ୍ତଭଣ୍ଡାର ଡାକ୍ତର, କର୍ମଚାରୀ ଏବଂ ଜିଲା ରକ୍ତଦାତା ପ୍ରବର୍ତ୍ତକମାନେ ରକ୍ତ ସଂଗ୍ରହ କରିଥିଲେ।

# ନବୀନଙ୍କ ଜନ୍ମଦିନରେ ରକ୍ତଦାନ ଶିବିର


ରକ୍ତଦାନ ଶିବିରରେ ଜଣେ ସ୍ୱେଚ୍ଛାସେବୀ ରକ୍ତଦାନ କରୁଛନ୍ତି ।

ସେମିଳିଗୁଡ଼ା,୧୬।୧୦(ସ୍ୱ.ପ୍ର.)

ସେମିଳିଗୁଡ଼ା ବସ୍‌ଷ୍ଟାଣ୍ଡ ନିକଟସ୍ଥ ମାଉସୀ ମା' ମନ୍ଦିରରେ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୪ତମ ଜନ୍ମଦିନ ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ୧୦୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମରେ କୋରାପୁଟ ବିହନ ନିଗମ ଅଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ପଟ୍ଟାଙ୍ଗୀ ବିଧାୟକ ପ୍ରୀତମ ପାଢ଼ୀ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗି, ବିଧାୟକ ତଥା ପର୍ଯ୍ୟବେକ୍ଷକ ଚନ୍ଦ୍ର ସାରଥୀ ବେହେରା, ଯୁବ ସଭାପତି ଅମିତ ଅଗ୍ରୱାଲ ଉପସ୍ଥିତ ଥିଲେ।

# ଧାନ ଫସଲରେ ଚକଡ଼ା ଆତଙ୍କ

ଜୟପୁର,୧୬।୧୦(ନି.ପ୍ର.)

କୋରାପୁଟ ଜିଲାରେ ଧାନ ଅମଳ ବେଳକୁ ହଜାର ହଜାର ହେକ୍ଟର ଜମିରେ ଚକଡ଼ା ପୋକ ଆତଙ୍କ ଦେଖାଦେଇଛି। ଜିଲାର କୁନ୍ଦୁରା ବ୍ଲକର ୨୨୯ ହେକ୍ଟର, ବୋରିଗୁମ୍ମାର ୩୫ ହେକ୍ଟର, କୋଟପାଡ଼ରେ ୨୨୬ ହେକ୍ଟର, ଆମ୍ବାଗୁଡ଼ାରେ ୨୫ ହେକ୍ଟର, ଧନପୁରରେ ୮ ହେକ୍ଟର, ଏକମ୍ବାରେ ୨୧ ହେକ୍ଟର, ଗଡ଼ପଦରରେ ୨୫ ହେକ୍ଟର, ହାଡ଼ିଆରେ ୨୦ ହେକ୍ଟର, ଜାମୁଣ୍ଡାରେ ୨୩୪ ହେକ୍ଟର, ରଣ୍ଡାପାଲ୍ଲିରେ ୨୫ ହେକ୍ଟର, ଜୟପୁରରେ ୩୯୫ ହେକ୍ଟର, ବୈପାରିଗୁଡ଼ାରେ ୭୦ ହେକ୍ଟର ଧାନ ଫସଲରେ ଚକଡ଼ା ପୋକ ଲାଗିଛି। ଜୟପୁର ଉପଖଣ୍ଡରେ ମୋଟ ୯୫୫ ହେକ୍ଟର ଜମିରେ ଏହି ରୋଗପୋକ ଆତଙ୍କ ଖେଳାଇ ଦେଇଥିବା କୃଷି ଉପ–ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି। କିନ୍ତୁ ଏହାଠାରୁ ଅଧିକ ଜମିରେ ପୋକ ଲାଗି ଫସଲ ନଷ୍ଟ ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଚଳିତ ଖରିଫ ଋତୁରେ ୨ ଲକ୍ଷ ୧୬ ହଜାର ହେକ୍ଟର ଜମିରେ ବିଭିନ୍ନ ଚାଷ କରାଯାଇଛି। ଏଥି ମଧ୍ୟରୁ ୯୯ ହଜାର ହେକ୍ଟର ଜମିରେ ଧାନଚାଷ ହୋଇଛି। କୀଟନାଶକ ସିଞ୍ଚନ କଲେ ମଧ୍ୟ ପୋକ ନଷ୍ଟ ହେଉ ନ ଥିବାରୁ ଚାଷୀମାନେ ଫସଲ ଅମଳ ନେଇ ଆଶଙ୍କାରେ ରହିଛନ୍ତି। ଏନେଇ କୃଷି ଉପ ନିର୍ଦ୍ଦେଶକ ପ୍ରଦିପ କୁମାର ମହାନ୍ତି କହିଛନ୍ତି, କୃଷି ଜିଲାରେ ଔଷଧ ବିକ୍ରୟ ପାଇଁ ୨୦୬ଟି ଲାଇସେନ୍ସ ପ୍ରଦାନ କରାଯାଇଛି। ଏଠାରେ ପିଏସ୍‌ଓ ମେଶିନ ମଧ୍ୟ ଲାଗିଛି । ଚକଡ଼ା ପୋକ ଦମନ ପାଇଁ ଜମିରେ ଉପଯୁକ୍ତ କୀଟନାଶକ ପ୍ରୟୋଗ କରିବା ପାଇଁ ପରାମର୍ଶ ଦିଆଯିବା ସହ ରିହାତି ଦରରେ ତାହା ଚାଷୀଙ୍କୁ ଯୋଗାଇ ଦିଆଯାଉଛି।

### କୋଡିଙ୍ଗାମାଳି ଖଣି ନେଇ ତଥ୍ୟ ଦେବା ପ୍ରସଙ୍ଗ

# ସମୟ ମାଗିଲେ ରାଜ୍ୟ ସରକାର

ଜୟପୁର,୧୬।୧୦(ନି.ପ୍ର.):

କୋରାପୁଟ ଜିଲା ଲକ୍ଷ୍ମୀପୁରରେ ଚାଲିଥିବା କୋଡିଙ୍ଗାମାଳି ବକ୍ସାଇଟ ଖଣି ଖନନ ବାବଦରେ ତଥ୍ୟ ଦେବା ପାଇଁ ଅଧିକ ସମୟ ମାଗିଛନ୍ତି ରାଜ୍ୟ ସରକାର । ଜୁଲାଇ ୨୮ରେ ଖଣି ଖନନ କରିବା ପାଇଁ ଗ୍ରାମସଭା ହୋଇ ନ ଥିବା ଦର୍ଶାଇ ଜାତୀୟ ଜନଜାତି କମିଶନଙ୍କ ପାଖରେ ଦାମନଯୋଡ଼ିର ଯୁବକ ସୁରେଶ ସାଉଁତା ଏକ ମାମଲା ରୁଜୁ କରିଥିଲେ । ଏହାକୁ ଜାତୀୟ ଜନଜାତି କମିଶନ ଗୁରୁତ୍ୱର ସହ ନେଇ ରାଜ୍ୟ ସରକାରଙ୍କୁ କାରଣ ଦର୍ଶାଅ ନୋଟିସ କରିଥିଲେ । ଗ୍ରାମସଭା ନ କରାଯାଇ ବକ୍ସାଇଟ ଖନନ କରାଯାଉଥିବା, ମାଲ ବୋଝେଇ ବକ୍ସାଇଟ ହାଇୱା ଯୋଗୁ ଦୁର୍ଘଟଣା ଘଟୁଥିବା ଏବଂ କାକିରିଗୁମ୍ମା ରେଳ ଷ୍ଟେସନରେ ବକ୍ସାଇଟ କଞ୍ଚାମାଲ ଲୋଡିଂ ସ୍ଥାନ କରାଯାଉଥିବାରୁ ମାଳିଚେମା ଗ୍ରାମ କ୍ଷତିଗ୍ରସ୍ତ ହେଉଥିବା ନେଇ କମିଶନଙ୍କୁ ଲେଖି ଜଣାଇଥିଲେ ସୁରେଶ ସାଉଁତା । ଏହା ସହ ମାଲ ପରିବହନ ଯୋଗୁ ୫ଟି ଗ୍ରାମ ପଞ୍ଚାୟତର ୧୫ରୁ ଅଧିକ ଗ୍ରାମରେ ପ୍ରଦୂଷଣ ବଢିଥିବା ନେଇ ସୁରେଶ ସାଉଁତା ପ୍ରକାଶ କରିଛନ୍ତି । ଫଳରେ ରାଜ୍ୟ ଖଣି ବିଭାଗ ଏବଂ ରାଜ୍ୟ ସରକାରଙ୍କୁ ଏନେଇ ରିପୋର୍ଟ ପ୍ରଦାନ କରିବ ।ପାଇଁ କମିଶନଙ୍କ ତରଫରୁ ନିର୍ଦ୍ଦେଶ ରହିଥିଲା । ଏହାର ଜବାବରେ ରାଜ୍ୟ ସରକାର ଅଧିକ ସମୟ ମାଗିଛନ୍ତି । ଏନେଇ କୋରାପୁଟ ଜିଲାପାଳ, ଏସ୍‌ପି ଏବଂ ଓଡିଶା ଖଣି ନିଗମର କାର୍ଯ୍ୟକାରୀ ନିର୍ଦ୍ଦେଶକଙ୍କୁ ଏକ ରିପୋର୍ଟ ପ୍ରସ୍ତୁତ କରିବା ପାଇଁ କୁହାଯାଇଥିବା ନେଇ ଏକ ଚିଠି ମାଧ୍ୟମରେ ରାଜ୍ୟ ସରକାରଙ୍କ ଅତିରିକ୍ତ ସଚିବ ବି.କେ. ଦେହୁରୀ ଜାତୀୟ ଜନଜାତି କମିଶନଙ୍କୁ ଜଣାଇଛନ୍ତି । ଏ ସମ୍ପର୍କରେ ଆବେଦନକାରୀ ସୁରେଶ ସାଉଁତା କହିଛନ୍ତି, ସେ କମିଶନଙ୍କ ଉପରେ ବିଶ୍ୱାସ ରଖିଛନ୍ତି ଏବଂ କମିଶନ ନିଶ୍ଚୟ ଭାବରେ ଏହାର ଗୁରୁତ୍ୱକୁ ବୁଝି ରାୟ ଦେବେ।

# ଆମ ପୋଲିସ ସମିତି ବୈଠକ

ପଟ୍ଟାଙ୍ଗି,୧୬।୧୦(ଡି.ଏନ୍.ଏ.)


ଆମ ପୋଲିସ ସମିତି ବୈଠକରେ ସୁଙ୍କି ଫାଣ୍ଡି ଅଧିକାରୀଙ୍କ ସହ ଅନ୍ୟମାନେ ।

ପଟ୍ଟାଙ୍ଗି ବ୍ଲକ ସୁଙ୍କି ଫାଣ୍ଡିରେ ବୁଧବାର ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଛି। ଫାଣ୍ଡି ଅଧିକାରୀ ବିଜୟ ରାଜ ମାଝିଙ୍କ ଅଧ୍ୟକ୍ଷତାରେ ଏହିପରି କାର୍ଯ୍ୟକ୍ରମ ଫାଣ୍ଡିରେ ପ୍ରଥମ କରି ହେଉଥିବାରୁ ସ୍ଥାନୀୟ ଲୋକେ ଏହାକୁ ସ୍ୱାଗତ କରିଛନ୍ତି। ଜଣେ ପୋଲିସ ପାଖରେ ନିର୍ଭୟରେ ପହଞ୍ଚି ଅଭିଯୋଗ କରିପାରିବା, ପୋଲିସ ଜନସାଧାରଣଙ୍କୁ ସୁରକ୍ଷା ଦେବା ସହ ଲୋକଙ୍କ ନିକଟତର ହେବା ଉପରେ ଗୁରୁତ୍ୱ ଦେଇଥିଲେ ଫାଣ୍ଡି ଅଧିକାରୀ। ବୈଠକରେ ତଳଗୋଲୁର, ଅମ୍ବାବାଲି, ପେଟୁ ଓ ସୁଙ୍କି ପଞ୍ଚାୟତର ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ। ସୀମାନ୍ତବର୍ତ୍ତୀ ଅଞ୍ଚଳ ହୋଇଥିବା ସୁଙ୍କିରେ ଅନେକ ସମୟରେ ଟ୍ରାଫିକ ଜାମ ହେଉଛି। ଦୀର୍ଘ ମାସ ଧରି ଫାଣ୍ଡିରେ ଏଏସ୍ଆଇ ପଦ ଖାଲି ପଡ଼ିଛି। ଅନେକ ସମୟରେ ଲୋକେ ଫାଣ୍ଡିକୁ ଆସି ଅଧିକାରୀଙ୍କୁ ନପାଇ ଏଠାରୁ ୨୨ କିମି ଦୂର ପଟ୍ଟାଙ୍ଗି ଥାନାକୁ ଯାଉଛନ୍ତି। ଏନେଇ ସୁଙ୍କି ସରପଞ୍ଚ ସିମାଦ୍ରୀ ଜାନି ଫାଣ୍ଡି ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବୈଠକରେ ଏଏସ୍ଆଇ ମଧୁ ନାୟକ, ତଳଗୋଲୁର ନାଏବ ସରପଞ୍ଚ ମୁସୁରି ଗୁଣ୍ଡାନା, ସୁବାଷ ଗାଲୁଙ୍ଗୁ ବୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ଶିବିରରୁ ୧୮୧ ୟୁନିଟ୍ ରକ୍ତ ସଂଗ୍ରହ


ଦଶମନ୍ତପୁର ବ୍ଲକ ସ୍ଥିତ ଆର୍.କେ.ଏ. କଲେଜରେ ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ବୁଧବାର ଆୟୋଜିତ ରକ୍ତଦାନ ଶିବିର ।

ଦଶମନ୍ତପୁର,୧୬।୧୦(ଡି.ଏନ୍.ଏ.)

ଦଶମନ୍ତପୁର ବ୍ଲକ ସ୍ଥିତ ଆର୍.କେ.ଏ. କଲେଜରେ ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି, ବିଜେଡି ଜିଲା ଉପସଭାପତି ନାରାୟଣ ବିଶୋଇ, ରଘୁପତି ବିଶୋଇ, ସମ୍ପାଦକ ସୁରେଶ ସୁବୁଦ୍ଧି, ଆର୍‌କେଏ ମହାବିଦ୍ୟାଳୟ ଅଧ୍ୟକ୍ଷ ତ୍ରିନାଥ ପାତିକା, ତହସିଲଦାର ଅଜୟ ପ୍ରକାଶ ତିର୍କି, ବିଡିଓ ଡମ୍ବରୁଧର ମଲ୍ଲିକ, ସିଡିପିଓ ନମିତା ପଣ୍ଡା, ଅଗ୍ରଗାମୀ ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ ନାୟକ, ବେଣୁଧର ପାତ୍ର ଉପସ୍ଥିତ ଥିଲେ। ଜିଲା ରକ୍ତଭଣ୍ଡାର ବିଶେଷଜ୍ଞ ଡାକ୍ତର ରତିକାନ୍ତ ଖଟୁଆ ଏଠାରୁ ୧୮୧ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ।

# ବରିଷ୍ଠ ବୁଦ୍ଧିଜୀବୀ ମଞ୍ଚ କର୍ମକର୍ତ୍ତା ଚୟନ

ଜୟପୁର,୧୬।୧୦(ଡି.ଏନ୍.ଏ.)



ବରିଷ୍ଠ ବୁଦ୍ଧିଜୀବୀ ମଞ୍ଚ ପକ୍ଷରୁ ସାଧାରଣ ପରିଷଦ ବୈଠକରେ ମଞ୍ଚାସୀନ ଅତିଥି ।

ଜୟପୁର ବରିଷ୍ଠ ବୁଦ୍ଧିଜୀବୀ ମଞ୍ଚର ସାଧାରଣ ପରିଷଦ ବୈଠକ ମଙ୍ଗଳବାର ସଭାପତି ଇଂ. ଦାଶରଥୀ ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। କୋଟପାଡ଼ ବ୍ଲକ ଗୁଲମୀ ଜଳପ୍ରପାତ ନିକଟରେ ଆନ୍ଧ୍ରର ଏକ ଘରୋଇ ଜଳ ବିଦ୍ୟୁତ ଉତ୍ପାଦନ କେନ୍ଦ୍ର ନିୟମ ଉଲ୍ଲଂଘନ କରି ଶତାଧିକ ବଡ଼ଗଛ କାଟି ଚାଲିଛି। ଏଥିରେ ପରିବେଶ ସହ ସୌନ୍ଦର୍ଯ୍ୟ ନଷ୍ଟ ହେଉଛି। ବନ ବିଭାଗ ବେଆଇନ ଅନୁମତି ଦେଇଥିବା ପ୍ରତିବାଦରେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା କରାଯାଇଛି। ଆଗକୁ ଜୟପୁର ଡିଏଫ୍‌ଓ ସହ କୋରାପୁଟ ଆଞ୍ଚଳିକ ବନ ସଂରକ୍ଷଣ କାର୍ଯ୍ୟାଳୟ ଘେରିବ ମଞ୍ଚ। ସେହିପରି ଜୟପୁର ଜଗନ୍ନାଥ ସାଗର ଜବରଦଖଲ ଉଚ୍ଛେଦ ପାଇଁ ତହସିଲଦାର ତୁରନ୍ତ ଉଚ୍ଛେଦ ଆରମ୍ଭ କରିବାକୁ ଦାବି ହୋଇଛି। ବୋରିଗୁମ୍ମାରୁ ସୁଙ୍କି ପର୍ଯ୍ୟନ୍ତ ୨୬ ନମ୍ବର ଜାତୀୟ ରାଜପଥ ନିର୍ମାଣ କରାଯାଉ, ନଚେତ ଆନ୍ଦୋଳନ ଚେତାବନୀ ଦେଇଛି ମଞ୍ଚ। ଏହି ଅବସରରେ ମଞ୍ଚର ନୂତନ କର୍ମକର୍ତ୍ତା ମନୋନୀତ ହୋଇଥିଲେ। ସଭାପତି ଭାବେ ଇଂ ନିର୍ମଳଚନ୍ଦ୍ର ମଲ୍ଲିକ, କାର୍ଯ୍ୟକାରୀ ସଭାପତି ଡ. ଗଙ୍ଗାଧର ନନ୍ଦ, ଉପସଭାପତି ଇଂ. କେଦାରନାଥ ବେହେରା, ସାଧାରଣ ସଂପାଦକ ଡ. ସୁରେଶ ଦାଶ, ସଂଗଠନ ସଂପାଦକ ପଣ୍ଡିତ ଗୀତା ପ୍ରକାଶ ମିଶ୍ର, କୋଷାଧ୍ୟକ୍ଷ ଜଗନ୍ନାଥ ମିଶ୍ର, ମୁଖ୍ୟ ସଂଗଠନ ମୀନକେତନ ଦାଶ ମନୋନୀତ ହୋଇଥିଲେ। ବୈଠକରେ ମଞ୍ଚର ବରିଷ୍ଠ ସଦସ୍ୟ ଇଂ. ରାଧାନାଥ ମହାପାତ୍ର, ଇଂ ନରେଶନାଥ ନାୟକ, ନରସିଂହ ପାଣିଗ୍ରାହୀ, ରାମକୃଷ୍ଣ ସାହୁ, କୃଷ୍ଣ କେଶବ ଷଡ଼ଙ୍ଗୀ, ଭଜନ ସିଂ, ନରସିଂହ ମିଶ୍ର ଉପସ୍ଥିତ ଥିଲେ।

## ■ ମାସକର ସଫଳତା ବଖାଣିଲେ ଏସ୍‌ପି

# ୨୨ ମାମଲା, ୧୫୩ ଜୁଆଡ଼ିଙ୍କୁ ଧରିଲାଣି ପୋଲିସ

କୋରାପୁଟ,୧୬।୧୦(ସ୍ୱ.ପ୍ର.)

କୋରାପୁଟ ପୋଲିସ ଗତ ମାସକ ଭିତରେ ଉଲ୍ଲେଖନୀୟ ସଫଳତା ପାଇଛି। ବିଭିନ୍ନ ସହରର ଟ୍ରାଫିକ ସମେତ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ପୋଲିସକୁ ଜନସାଧାରଣ ସହଯୋଗ କରିବା ଦରକାର। ମଙ୍ଗଳବାର ଏସ୍‌ପି ଅଫିସ୍‌ରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ମୁକେଶ କୁମାର ଭାମୋ ଏହା କହିବା ସହ ପୋଲିସ ସଫଳତାର ଫର୍ଦ୍ଦ ରଖିଛନ୍ତି। ତାଙ୍କ ଅନୁଯାୟୀ, ୪ଟି ଡକାୟତି ଓ ଲୁଟ୍ ମାମଲାରେ ଅଭିଯୁକ୍ତ ଧରାପଡ଼ିଛନ୍ତି। ଏହି ୪ଟି ମାମଲା ହେଉଛି କାକିରିଗୁମ୍ମା ଥାନା କେସ୍ ନଂ ୪୭/୧୯, କୋରାପୁଟ ସଦର ଥାନା କେସ୍ ନଂ ୯୧/୧୯, ଜୟପୁର ସଦର ଥାନା କେସ୍ ନଂ ୧୦୧/୧୯, ବୈପାରିଗୁଡ଼ା ଥାନା କେସ୍ ନଂ ୧୧୧/୧୯। ସେହିପରି ଜିଲାରେ ଜୁଆଖେଳ ଘଟଣାରେ ୨୨ଟି ମାମଲା ସହ ୧୫୩ ଜଣଙ୍କୁ ଗିରଫ କରାଯାଇଛି। ୪ ଲକ୍ଷ ୧୨ ହଜାର ୩୮୦ ଟଙ୍କା ଜବତ ହୋଇଛି। ୯ଟି ଏନ୍‌ଡିପିଏସ୍ (ବୈପାରିଗୁଡ଼ା ଥାନାରେ ୨, ସେମିଳିଗୁଡ଼ା ଥାନାରେ ୪, ଜୟପୁର, ମାଛକୁଣ୍ଡ ଓ ନନ୍ଦପୁର ଥାନାରେ ଗୋଟିଏ) ମାମଲା ରୁଜୁ କରାଯାଇଛି। ଏଥିରେ ୨ ହଜାର ୬୧୦ କେଜି ଗଞ୍ଜେଇ ଜବତ ହୋଇଛି। ସେହିପରି ୧୫୨୩ ଜଣ ଚାଳକଙ୍କୁ ଯାଞ୍ଚ ବେଳେ ୬୧ ଜଣ ନିଶାସକ୍ତ ଅବସ୍ଥାରେ ଧରାପଡ଼ିଛନ୍ତି। ମଦ ପିଇଥିବା ଯୋଗୁ ୭୧ ଜଣ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ନାକଚ ସହ ଅନ୍ୟ ୩୯ ଜଣ ଚାଳକଙ୍କ ତାହା ନାକଚ ହୋଇଛି। ଜରିମାନା ବାବଦରେ ୧୩ ଲକ୍ଷ ୮୫ ହଜାର ୬୦୦ ଟଙ୍କା ଆଦାୟ କରାଯାଇଛି । ବେଆଇନ ଅସ୍ତ୍ରଶସ୍ତ୍ର ରଖିବା ଘଟଣାରେ ମାଛକୁଣ୍ଡ ପୋଲିସ କେସ୍ ନଂ ୫୭/୧୯ରେ ୨ ଜଣଙ୍କୁ ଗିରଫ କରିଥିବାବେଳେ ସେମାନଙ୍କଠାରୁ ୭ ଏମ୍ଏମ୍ ପିସ୍ତଲ ଜବତ କରିଛି। ଦଶମନ୍ତପୁର ଥାନାରେ କେସ୍ ନଂ ୯୩/୧୯ରେ ୨ ଜଣଙ୍କୁ ଗିରଫ କରି ସେମାନଙ୍କଠାରୁ ଏସ୍‌ବିଏମ୍ଏଲ୍ ଗନ ଜବତ କରିଥିବା ଏସ୍‌ପି ସୂଚନା ଦେଇଛନ୍ତି। ସେମିଳିଗୁଡ଼ା–ବୋରିଗୁମ୍ମା ୨୬ ନମ୍ବର ଜାତୀୟ ରାଜପଥର ଦୁରାବସ୍ଥା ଯୋଗୁ ଦୁର୍ଘଟଣା ବଢୁଛି। ରାଜପଥର କେତେକ ସ୍ଥାନରେ ସ୍ଥାୟୀ ଚେକ ପୋଷ୍ଟ କରାଯାଇ ଗାଡ଼ିମୋଟର ଯାଞ୍ଚ କରାଯିବ। ଦୁଇଚକିଆ ବ୍ୟତୀତ ଅନ୍ୟ ସମସ୍ତ ଗାଡ଼ି ଯାଞ୍ଚ ବାଧ୍ୟତାମୂଳକ କରାଯିବ ବୋଲି ଏସ୍‌ପି କହିଛନ୍ତି। ସେମିଳିଗୁଡ଼ା, କୋରାପୁଟ, ଜୟପୁର, ବୋରିଗୁମ୍ମା, କୋଟପାଡ଼ ସହରରେ ଟ୍ରାଫିକ ସମସ୍ୟା ସୁଧାରିବା ପାଇଁ ପାର୍କିଂ ସ୍ଥାନ ଚିହ୍ନଟ କରାଯିବା ସହ ୨୬ ନମ୍ବର ଜାତୀୟ ରାଜପଥର ଉଭୟ ପାର୍ଶ୍ୱରୁ ଜବରଦଖଲ ହଟାଯିବ ବୋଲି ସେ କହିଛନ୍ତି।



- ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନରେ ଦୁର୍ନୀତି ଅଭିଯୋଗ
- ଭିଡିଓ ଭାଇରାଲ ପରେ ଘଟଣା ପଦାକୁ ଆସିଲା

# ଲାଞ୍ଚ ମାଗୁଛନ୍ତି ବ୍ଲକର ଜଣେ ଅଧିକାରୀ

**ମାଲକାନଗିରି,୧୬।୧୦ (ଡି.ଏନ୍.ଏ.)**

ମାଲକାନଗିରି ଜିଲାରେ ବର୍ତ୍ତମାନ ଶିକ୍ଷା ବିଭାଗର ଏକ ଦୁର୍ନୀତି ପଦାକୁ ଆସିଛି। ଛାତ୍ରୀଛାତ୍ରଙ୍କ ପୋଷାକ ବଣ୍ଟନ ବାବଦ ଆସିଥିବା ଅର୍ଥରୁ ବ୍ଲକ ଶିକ୍ଷା ବିଭାଗର ଜଣେ ବରିଷ୍ଠ ଅଧିକାରୀ ଟଙ୍କା ମାଗୁଥିବା ଅଭିଯୋଗ ହୋଇଛି। ଏହାର ଭିଡିଓ ଭାଇରାଲ ହେବା ପରେ ସେ ଅସୁବିଧାରେ ପଡିଛନ୍ତି। ଏପରି ଘଟଣା ଘଟିଛି ଜିଲାର ମାଥିଲି ବ୍ଲକରେ। ବ୍ଲକ ଶିକ୍ଷା ବିଭାଗର ସମ୍ପୃକ୍ତ ଅଧିକାରୀ ଜଣକ ଟେମୁରୁପାଲିର ଜଣେ ପୂର୍ବତନ ସିଆରସିସିଙ୍କୁ ଏପରି ଟଙ୍କା ଲାଞ୍ଚ ମାଗିଛନ୍ତି। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପୋଷାକ ବଣ୍ଟନ ବାବଦ ତାଙ୍କର ପ୍ରାପ୍ୟ କାହିଁକି ପ୍ରଦାନ କରାଯାଉନାହିଁ। ସବୁ ବିଦ୍ୟାଳୟରୁ ଏନେଇ ଅର୍ଥ ସଂଗ୍ରହ କରାଯାଇଥିଲେ ସୁଦ୍ଧା ତାଙ୍କୁ ମିଳିନାହିଁ। ସମସ୍ତେ ଖାଉଛ, ମୋ ଭାଗ କାହିଁକି ଦେଉନାହଁ ବୋଲି ସେ ପ୍ରଶ୍ନ କରିବା ସହ ତୁରନ୍ତ ଏହା ଦେବାକୁ ସିଆରସିସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କିତ ଭିଡିଓ ଭାଇରାଲ ହୋଇ ଜିଲାରେ ଗୋଟିଏ ମୋବାଇଲରୁ ଆଉ ଗୋଟିଏ ମୋବାଇଲକୁ ଘୂରି ବୁଲୁଛି। ଏଥିରୁ ବ୍ଲକ ଶିକ୍ଷା ବିଭାଗରେ ଚାଲିଥିବା ଦୁର୍ନୀତି ସ୍ପଷ୍ଟ ହୋଇଛି। ଜିଲା ଶିକ୍ଷା ବିଭାଗ ଏବଂ ଦୁର୍ନୀତି ନିବାରଣ ବିଭାଗ ଏହାର ତଦନ୍ତ କଲେ ପ୍ରକୃତ ତଥ୍ୟ ଲୋକଲୋଚନକୁ ଆସିବ ବୋଲି ମତ ପ୍ରକାଶ ପାଉଛି। ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ରମେଶ ଚନ୍ଦ୍ର ସେଠୀଙ୍କୁ ପଚାରିବାରୁ ସେ କହିଥିଲେ ଯେ, ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ବହୁ ଅଭିଯୋଗ ଆସୁଛି। ପୂର୍ବ ଅଭିଯୋଗଗୁଡିକର ଅନୁଧ୍ୟାନ କରାଯାଇ ତାଙ୍କ ଦରମା ବନ୍ଦ କରାଯାଇଛି। ତେବେ ପୋଷାକ ବଣ୍ଟନ ନେଇ ଅର୍ଥ ମାଗିବା ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେଠୀ କହିଛନ୍ତି।














Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

